ODISHA POLICE
STATE HEADQUARTERS
CUTTACK.

# ପ୍ରେସ୍ ନୋଟ୍

## ୧୭.୦୨.୨୦୨୩

ସ୍ପେଶାଲ ରିପୋର୍ଟ(ଏସ୍ଆର୍) ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରି ନ୍ୟାସନାଲ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ(ଏନ୍ସିଆର୍ବି)ଟ୍ରଫି ହାସଲ କରିବାରେ ଓଡ଼ିଶା ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ(ଏସ୍ସିଆର୍ବି) ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଭୋପାଳଠାରେ ଅନୁଷ୍ଠିତ ହୋଇଥିବା ସର୍ବ ଭାରତୀୟ ପୋଲିସ୍ ଡ୍ୟୁଟି ମିଟ୍-୨୦୨୩ ଅବସରରେ ସୂଚନା ପ୍ରଯୁକ୍ତି ବିଦ୍ୟା ମାଧ୍ୟମରେ ପୋଲିସ୍ ବିଭାଗକୁ ସଶକ୍ତ କରିବା ଭଳି ପଦକ୍ଷେପ ଯୋଗୁଁ ଏସ୍ସିଆର୍ବି ଏହି ସମ୍ମାନ ପାଇବାରେ ବିରଳ ସଫଳତା ହାସଲ କରିଛି । ଓଡ଼ିଶା ଷ୍ଟେଟ୍ କ୍ରାଇମ୍ ରେକର୍ଡସ୍ ବ୍ୟୁରୋ ଏହି ସମ୍ମାନଜନକ ଜାତୀୟସ୍ତରୀୟ ପୁରସ୍କାର ଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛି । ଏସ୍ସିଆର୍ବିର ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିନୟତୋଷ ମିଶ୍ର ପୋଲିସ୍ ଡ୍ୟୁଟି ମିଟ୍ରେ ଯୋଗ ଦେଇ ଏହି ସମ୍ମାନଜନକ ଟ୍ରଫି ଗ୍ରହଣ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଏସ୍ସିଆର୍ବିର ଏହି ସଫଳତା ନିମନ୍ତେ ସମସ୍ତ ସଦସ୍ୟଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ, ଚଳିତ ମାସ ୮ ତାରିଖରେ ଏସ୍ସିଆର୍ବି, ଡିଆଇଜି ଡ. ସତ୍ୟଜିତ୍ ନାଏକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ସମ୍ବଳିତ ଏସ୍ଆର୍ ମଡ୍ୟୁଲ୍ କମିଟି ସମ୍ମୁଖରେ ଉପସ୍ଥାପନ କରିଥିଲେ । ଏସ୍ଆର୍ ମଡ୍ୟୁଲ୍ର ମୂଲ୍ୟାୟନ କରାଯିବା ପରେ

କମିଟି ଏହାକୁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳମାନଙ୍କ ମଧ୍ୟରେ ଶ୍ରେଷ୍ଠ ମଡ୍ୟୁଲ୍ ବୋଲି ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ ଯେ, ଭାରତୀୟ ପୋଲିସ୍ ଫୋର୍ସଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ସର୍ବଭାରତୀୟ ପୋଲିସ୍ ଡ୍ୟୁଟି ମିଟ୍‌ର ଆୟୋଜନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ଶାସିତ ଅଂଚଳର ପୋଲିସ୍ ମହାନିର୍ଦ୍ଦେଶକଙ୍କ ସମେତ ବରିଷ୍ଠ ପୋଲିସ୍ ଅଧିକାରୀମାନେ ଯୋଗ ଦେଇଥାନ୍ତି । ଭାରତୀୟ ପୋଲିସ୍ ବାହିନୀ ଦକ୍ଷତା ବୃଦ୍ଧି ଏବଂ ଭାରତୀୟ ନାଗରିକଙ୍କୁ ଉନ୍ନତ ସେବା ଯୋଗାଇବା ଉଦ୍ଦେଶ୍ୟରେ ଏହି ପୋଲିସ୍ ଡ୍ୟୁଟି ମିଟ୍‌ର ଆୟୋଜନ କରାଯାଇଥାଏ । ଏହି କାର୍ଯ୍ୟକ୍ରମରେ କମ୍ପ୍ୟୁଟର ସଚେତନତା, ପ୍ରଯୁକ୍ତି ବିଦ୍ୟା ପ୍ରକଳ୍ପ, ଆପ୍ଲିକେସନ୍ ଏବଂ ଆଇଟି ମଡ୍ୟୁଲ୍‌ର ବିକାଶ, ଶାରୀରିକ ପ୍ରଶିକ୍ଷଣ, ଅସ୍ତ୍ରଶସ୍ତ୍ର ପରିଚାଳନା ଏବଂ ରଣକୌଶଳ ଅଭ୍ୟାସ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ । ଏହି କାର୍ଯ୍ୟକ୍ରମ ପୋଲିସ୍ ବାହିନୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟ ଏବଂ ଆତ୍ମବିଶ୍ୱାସ ବୃଦ୍ଧି କରିବାରେ ବେଶ୍ ସହାୟକ ହୋଇଥାଏ ।

ସୂଚନାଯୋଗ୍ୟ ଯେ, ଆଇସିଜେଏସ୍ ଏଫ୍‌ଏସ୍‌ଏଲ୍ ପିଲାର୍‌ରେ ୨୦୨୧ ମସିହାରେ (ପ୍ରଥମ ପୁରସ୍କାର) ଏବଂ ୨୦୨୨ ମସିହାରେ ଦ୍ୱିତୀୟ ପୁରସ୍କାର, କ୍ରାଇମ୍ ମ୍ୟାନେଜମେଂଟ ସିଷ୍ଟମ୍(ସିଏମ୍‌ଏସ୍) ଏବଂ ସାକାରରେ (ପ୍ରଥମ ପୁରସ୍କାର) ୨୦୨୨ ମସିହାରେ ହାସଲ କରିବା ଓଡ଼ିଶା ପୋଲିସ୍ ନିମନ୍ତେ ଏକ ବିରଳ ସଫଳତା । ସେହିପରି ୨୦୧୮ ମସିହାରେ "ଆରକ୍ଷୀ" ମୋବାଇଲ୍ ଆପ୍ ପାଇଁ ଓଡ଼ିଶା ପୋଲିସ୍ ପ୍ରଥମ ସ୍ଥାନ ଅଧିକାର କରିଥିଲା ।

www.Odishapolice.gov.in
Email-sphqrs.odpol@nic.in

Buxi Bazar, Cuttack-753001
Tel/Fax No. 0671-23040001

17/01/23

PRO, SP HQrs, Cuttack.